# Telephone conversation between Prime Minister and PM of Kuwait

April 01, 2020

# ପ୍ରଧାନମନ୍ତ୍ରୀ ଏବଂ କୁଏତର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଟେଲିଫୋନ୍ ରେ କଥାବାର୍ତ୍ତା

ଅପ୍ରେଲ 01, 2020

ପ୍ରଧାନମନ୍ତ୍ରୀ ଆଜି କୁଏତର ପ୍ରଧାନମନ୍ତ୍ରୀ ମାନ୍ୟବର ଶେଖ ସବା ଅଲ-ଖାଲିଦ ଅଲ-ହମଦ ଅଲ-ସବାହଙ୍କ ସହିତ ଟେଲିଫୋନରେ କଥାବାର୍ତ୍ତା କରିଥିଲେ।

ପ୍ରଧାନମନ୍ତ୍ରୀ ମାନ୍ୟବର କୁଏତର ଅମୀର, ରାଜକୀୟ ପରିବାର ଏବଂ କୁଏତର ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଭାରତର ବିସ୍ତାରିତ  ପଡ଼ୋଶୀର ଜଣେ ମୂଲ୍ୟବାନ ସଦସ୍ୟ କୁଏତ ସହିତ ନିଜର ସମ୍ପର୍କ ଗୁଡ଼ିକର ମହତ୍ତ୍ୱକୁ ଗୁରୁତ୍ୱାରୋପ କରିଛନ୍ତି।

ଉଭୟ ନେତା ଚାଲୁଥିବା COVID-19 ମହାମାରୀର ଘରୋଇ ଏବଂ ଅନ୍ତରାଷ୍ଟ୍ରୀୟ ପକ୍ଷ ଉପରେ  ଆଲୋଚନା କରିଥିଲେ। ସେମାନେ ଏହି କଥାରେ ସହମତ ହୋଇଥିଲେ ଯେ, ସେମାନଙ୍କର ଅଧିକାରୀମାନେ ସ୍ୱାସ୍ଥ୍ୟ ସଙ୍କଟ ସମୟରେ ନିୟମିତ ରୂପରେ ଯୋଗାଯୋଗ ବଜାୟ ରଖିବେ, ଯଦ୍ୱାରା ସୂଚନାଗୁଡ଼ିକ ଆଦାନ ପ୍ରଦାନ କରାଯାଇପାରିବ ଏବଂ ସହଯୋଗ ଏବଂ ପାରସ୍ପରିକ ସହାୟତାର ଉପାୟ ଗୁଡ଼ିକୁ ଅନୁସନ୍ଧାନ କରାଯାଇପାରିବ।

ମାନ୍ୟବର କୁଏତର ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ କୁଏତ ରାଜ୍ୟ କୁଏତରେ ବଡ ବଡ ଭାରତୀୟ ସମ୍ପ୍ରଦାୟର ଯୋଗଦାନକୁ ମହତ୍ତ୍ୱ ଦେଇଥାଏ ଏବଂ ବର୍ତ୍ତମାନର ପରିସ୍ଥିତିରେ ସେମାନଙ୍କର ସୁରକ୍ଷା ଏବଂ କଲ୍ୟାଣକୁ ସୁନିଶ୍ଚିତ କରିବାକୁ ଜାରି ରଖିବେ। ଏହି ଭଳି ଆଶ୍ୱାସନା ପାଇଁ ପ୍ରଧାନମନ୍ତ୍ରୀ ନିଜର ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

**ନୂଆ ଦିଲ୍ଲୀ**
**ଅପ୍ରେଲ 01, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.